# Official Spokesperson's response to a media query regarding reports of vandalism, defacement and destruction of Buddhist archaeological sites in Pakistan occupied Jammu and Kashmir

June 03, 2020

**ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରରେ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ସ୍ଥଳଗୁଡିକ ଭଙ୍ଗାରୁଜା, ବିକୃତ ତଥା ଧ୍ୱଂସ କରିବା ଖବର ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା**

ଜୁନ 03, 2020

ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରରେ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ସ୍ଥଳଗୁଡିକ ଭଙ୍ଗାରୁଜା, ବିକୃତ ତଥା ଧ୍ୱଂସ କରିବା ଖବର ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ,

"ପାକିସ୍ତାନର ବେଆଇନ ତଥା ଜବରଦଖଲ ଅଧୀନରେ ଥିବା ଭାରତୀୟ କ୍ଷେତ୍ରର ତଥାକଥିତ "ଗିଲଗିଟ-ବଲଟିସ୍ତାନ" ଅଞ୍ଚଳରେ ଅବସ୍ଥିତ ଅମୂଲ୍ୟ ଭାରତୀୟ ବୌଦ୍ଧ ଐତିହ୍ୟର ଭଙ୍ଗାରୁଜା, ବିକୃତ ତଥା ଧ୍ୱଂସ କରିବାର ଖବର ଉପରେ ଆମେ ଗଭୀର ଚିନ୍ତା ପ୍ରକଟ କରିଛୁ।

ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଯେ ବୌଦ୍ଧ ଧର୍ମର ପ୍ରତୀକଗୁଡ଼ିକ ନଷ୍ଟ ହୋଇଯାଉଛି ଏବଂ ପାକିସ୍ତାନର ବେଆଇନ ଦଖଲରେ ଥିବା ଭାରତୀୟ ଅଞ୍ଚଳରେ ଧାର୍ମିକ ତଥା ସାଂସ୍କୃତିକ ଅଧିକାର ତଥା ସ୍ୱାଧୀନତାକୁ ଦଳି ଦିଆଯାଉଛି। ଏହି ପ୍ରକାରର ଘୃଣ୍ୟ କାର୍ଯ୍ୟକଳାପ ଯାହା ପ୍ରାଚୀନ ସଭ୍ୟତା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅବମାନନା ପ୍ରଦର୍ଶନ କରେ ତାହା ଅତ୍ୟନ୍ତ ନିନ୍ଦନୀୟ।

ଏହି ଅମୂଲ୍ୟ ପ୍ରତ୍ନତାତ୍ତ୍ୱିକ ଐତିହ୍ୟଗୁଡିକର ପୁନରୁଦ୍ଧାର ଏବଂ ସଂରକ୍ଷଣ ପାଇଁ ଆମେ ଆମର ବିଶେଷଜ୍ଞମାନଙ୍କ ପାଇଁ ତୁରନ୍ତ ଏହି ଅଞ୍ଚଳକୁ ପ୍ରବେଶ ପାଇଁ ଦାବି କରିଛୁ।

ଆମେ ପୁଣି ଥରେ ପାକିସ୍ତାନକୁ ବେଆଇନ ଭାବେ ଅଧିକୃତ ଅଞ୍ଚଳଗୁଡିକୁ ତୁରନ୍ତ ଖାଲି କରିବାକୁ ଏବଂ ସେଠାରେ ରହୁଥିବା ଲୋକଙ୍କ ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାରର ଉଲ୍ଲଂଘନକୁ ସମାପ୍ତ କରିବାକୁ ଆହ୍ୱାନ କରିଛୁ।"

ନୂଆଦିଲ୍ଲୀ

ଜୁନ 03, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.